# ନିର୍ବାହୀ ସାରାଂଶ

## ପ୍ରସ୍ତାବିତ ସମନ୍ବୀତ ତାପଜ ବିଦ୍ୟୁତ୍ କେନ୍ଦ୍ର ନିମନ୍ତେ
## ଦ୍ରୁତ ପରିବେଶୀୟ ଆକଳନ ଓ
## ପରିବେଶୀୟ ପରିଚାଳନା ଯୋଜନା

**ମେସର୍ସ ଆର୍.କେ.ପି. ପାୱାର ପ୍ରା. ଲିମିଟେଡ**

**ଗ୍ରାମ - ରାମଚନ୍ଦ୍ରପୁର,**

**ମୌଜା - ଛତ୍ରପୁର**

**ଜିଲ୍ଲା-ଗଞ୍ଜାମ, ଓଡିଶା**

**ପ୍ରସ୍ତୁତକର୍ତ୍ତା**

**କଲ୍ୟାଣୀ ଲାବେରେଟୋରୀଜ୍ ପ୍ରା.ଲିଃ. ଭୁବନେଶ୍ୱର,**

**ସନ୍ କନ୍ସୋଲଟାନ୍ସି ସର୍ଭିସେସ୍, ଭୁବନେଶ୍ୱର**

## ୧.୦ ପ୍ରକଳ୍ପ ବିବରଣୀ (ଅବସ୍ଥିତି)

ଆର୍.କେ.ପି. ପ୍ରାଇଭେଟ ଲିମିଟେଡ୍ ଏକ ୧୨୦ ମେଗାୱାଟ୍ ବିଶିଷ୍ଟ କୋଇଲା ଆଧାରିତ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରିବାପାଇଁ ଯୋଜନା କରିଅଛନ୍ତି। ଏହା ଓଡିଶାର ଗଞ୍ଜାମ ଜିଲ୍ଲା, ଛତ୍ରପୁର ତହସିଲ, ଶ୍ରୀରାମଚନ୍ଦ୍ରପୁର ମୌଜାରେ ଯାହାକି ଭୁବନେଶ୍ୱର ଠାରୁ ୧୩୩ କି.ମି. ଓ ବ୍ରହ୍ମପୁର ଠାରୁ ୧୪ କି.ମି. ଦୂରତାରେ ଅବସ୍ଥିତ।

**ପ୍ରକଳ୍ପର ସଂକ୍ଷିପ୍ତ ବିବରଣୀ :**

| କ୍ର.ସ. | ବିଷୟବସ୍ତୁ | ବିବରଣୀ |
|---|---|---|
| | ଅବସ୍ଥିତି | ଗ୍ରାମ-ଶ୍ରୀରାମଚନ୍ଦ୍ରପୁର, ତହସିଲ-ଛତ୍ରପୁର, ଜିଲ୍ଲା-ଗଞ୍ଜାମ, ଓଡିଶା। ଏହା ବ୍ରହ୍ମପୁର ଠାରୁ ୧୪ କି.ମି. ଦୂରତାରେ ଅବସ୍ଥିତ। ୫ ନମ୍ବର ଜାତୀୟ ରାଜପଥରୁ ଏକ ରାସ୍ତା ପ୍ରକଳ୍ପ ଅଞ୍ଚଳକୁ ନିଆଯିବ। ଏହା ୨ ନମ୍ବର ଭୂକମ୍ପ ଅଞ୍ଚଳରେ ଅନ୍ତର୍ଗତ। ଏହା ୧୯° ୧୯’ ୪୧’’ ଦକ୍ଷିଣ ଓ ୮୪° ୫୬’୨୧’’ ପୂର୍ବ ଭୌଗଳିକ ଅବସ୍ଥିତିରେ ଏବଂ ସମୁଦ୍ର ପଉନଠାରୁ ୫୬ ମି. ଉଚ୍ଚରେ ଅବସ୍ଥିତ। |
| | କ୍ଷେତ୍ରଫଳ | ୮୭.୭ ଏକର।<br>ସରକାରୀ ଜମି = ୭୪.୨୧ ଏକର<br>ବେସରକାରୀ ଜମି = ୧୧.୭୪୯ ଏକର |
| **୧.** | ଉତ୍ପାଦନର ପ୍ରକାର ଓ ବାର୍ଷିକ ଉତ୍ପାଦନ କ୍ଷମତା | କୋଇଲା ଆଧାରିତ ତାପଜ ବିଦ୍ୟୁତ୍ କେନ୍ଦ୍ର (୧୨୦ ମେଗାୱାଟ) |
| **୨.** | ସଜ୍ଜିକରଣ ପଦ୍ଧତି ସ୍ଥାନ | ଏକ ବାଷ୍ପଉତ୍ପାଦନକାରି ଘୂର୍ଣ୍ଣନ ମୋଟର୍। |
| **୩.** | ପ୍ରକଳ୍ପ ମୂଲ୍ୟ | ୭୦୦ କୋଟି |
| **୪.** | ଜମିର ପ୍ରକାର | ଅନାବାଦୀ |
| **୫.** | ଜାଳେଣୀ | ବିଦେଶୀ ଓ ଦେଶୀୟ କୋଇଲା |

| | | |
|---|---|---|
| ୬. | ଆବଶ୍ୟକୀୟ ବାର୍ଷିକ ଜାଳେଣୀ | ବିଦେଶୀ କୋଇଲା - ୯୨୦୦୦୦ ଟନ୍ / ବାର୍ଷିକ<br>ଦେଶୀୟ କୋଇଲା - ୫୬୯୨୧୦ ଟନ୍ / ବାର୍ଷିକ |
| ୭. | ନିଯୁକ୍ତି ଶ୍ରମିକ | ୭୫ |
| ୮. | ଦୈନିକ ଜଳର ଆବଶ୍ୟକତା | ୮୮୦ ଘନମି. ଦୈନିକ |
| ୯. | ନିକଟସ୍ଥ ଉଡାଜାହାଜ କେନ୍ଦ୍ର | ଭୁବନେଶ୍ୱର (୧୩୩ କି.ମି.) |
| ୧୦. | ଜଳର ଉତ୍ସ | ପ୍ରକଳ୍ପ ଭିତର ଖନନ କୂପ |
| ୧୧. | ପାଖାପାଖି ଜନବସତି | ତୋଟା ପାଲି (୧.୦ କି.ମି.) |
| ୧୨. | ରେଳସଂଯୋଗ | ଛତ୍ରପୁର (୮.୦ କି.ମି.) |
| ୧୩. | ସାମୁଦ୍ରିକ ବନ୍ଦର | ଗୋପାଳପୁର (୪.୦କି.ମି.) |
| ୧୪. | ପୂର୍ବରୁ ଅବସ୍ଥିତ ଶିଳ୍ପ | ଭାରତୀୟ ବିରଳ ମୃର୍ତ୍ତିକା କେନ୍ଦ୍ର (୩.୦ କି.ମି.) |
| ୧୫. | ଜଳ | ଋଷିକୁଲ୍ୟା କେନାଲ (୦.୫ କି.ମି.)<br>ତାମ୍ପରା ହ୍ରଦ (୪.୫କି.ମି.)<br>ଋଷିକୁଲ୍ୟା ନଦୀ (୧୪.୫ କି.ମି.)<br>ତାମ୍ପରା ଟ୍ୟାଙ୍କ୍ (୮.୫ କି.ମି.) |
| ୧୬. | ପ୍ରତ୍ନତତ୍ତ୍ୱ / ଐତିହାସିକ ସ୍ଥାନ | ପ୍ରକଳ୍ପର ୧୦ କି.ମି. ମଧ୍ୟରେ ଅନ୍ତର୍ଭୂକ୍ତ ନୁହେଁ। |
| ୧୭. | ଜଙ୍ଗଲ | ପ୍ରକଳ୍ପର ୧୦ କି.ମି. ମଧ୍ୟରେ ଅନ୍ତର୍ଭୂକ୍ତ ନୁହେଁ। |
| ୧୮. | ଅଭୟାରଣ୍ୟ/ଜାତୀୟ ଉଦ୍ୟାନ | ପ୍ରକଳ୍ପର ୧୦ କି.ମି. ମଧ୍ୟରେ ଅନ୍ତର୍ଭୂକ୍ତ ନୁହେଁ। |

## ୩.୦ ପ୍ରକଳ୍ପର ଯଥାର୍ଥତା :

ବର୍ତ୍ତମାନ ଦେଶରେ ଶତକଡା ୧୨.୧ ତାପଜ ବିଦ୍ୟୁତର ଅଭାବ ହେଉଛି। ପୁନଶ୍ଚ ଯୋଗାଣ ଓ ଆବଶ୍ୟକତା ମଧ୍ୟରେ ଥିବା ପାର୍ଥକ୍ୟ ୨୦୩୨ ଓ ତାପରେ ମଧ୍ୟ ଲାଗିରହିବ। ବର୍ତ୍ତମାନ ଓ ଭବିଷ୍ୟତର ପରିସ୍ଥିତିକୁ ଲକ୍ଷ୍ୟରଖି ଏହି ୧x୧୨୦ ମେଗାୱାଟ୍ ବିଶିଷ୍ଟ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନକଲେ ରାଜ୍ୟର ଆର୍ଥିକ ସ୍ଥିତିରେ ସହାୟକ ହେବ।

## ୪.୦ ଅନୁଧ୍ୟାନର ସୁଯୋଗ

ପରିବେଶ ମନ୍ତ୍ରଣାଳୟ ଓ ଜଙ୍ଗଲ ବିଭାଗ ଦ୍ୱାରା ଦିଆଯାଇଥିବା ବିଚାର୍ଯ୍ୟକୁ ଆଧାର କରି ପରିବେଶୀୟ ଆକଳନ ଓ ପରିବେଶ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇଛି।

## ୫.୦ ପରିବେଶର ବର୍ଣ୍ଣନା :

ଏହି ପ୍ରକଳ୍ପ ପାଇଁ ପରିବେଶୀୟ ମୂଳତଥ୍ୟ ମାର୍ଚ୍ଚରୁ ମଇ ୨୦୧୩ ପର୍ଯ୍ୟନ୍ତ ସଂଗ୍ରହ କରାଯାଇଥିଲା। ସେଥିପାଇଁ ମେସର୍ସ ମିନ୍ ମେକ୍ ଆର ଓ ଡି. ଲାବୋରେଟୋରି, ନୂଆଦିଲ୍ଲୀ ଦ୍ୱାରା ପାଣିପାଗ ସମ୍ବନ୍ଧୀୟ ତଥ୍ୟ, ପରିବେଷ୍ଟନୀ ବାୟୁର ଗୁଣବତ୍ତା, ଜଳର ଗୁଣବତ୍ତା, ଧ୍ୱନିର ମାତ୍ରା ଏବଂ ମାଟିର ଗୁଣବତ୍ତା ଅନୁଧ୍ୟାନ କରାଯାଇଅଛି। ଦଶବର୍ଷର ତଥ୍ୟ ନିକଟସ୍ଥ ଭାରତୀୟ ପାଣିପାଗ ବିଭାଗ ଗୋପାଳପୁର ଠାରୁ ସଂଗ୍ରହ କରାଯାଇଥିଲା ଏବଂ ତିନିମାସର ପାଣିପାଗ ସମ୍ବନ୍ଧିତ ତଥ୍ୟ ପ୍ରକଳ୍ପ ଅଞ୍ଚଳରୁ ସ୍ୱୟଂଚାଳିତ ପାଣିପାଗ ଯନ୍ତ୍ର ସାହାଯ୍ୟରେ ସଂଗ୍ରହ କରାଯାଇଥିଲା। ବୃକ୍ଷଲତା ସମ୍ବନ୍ଧୀୟ ଓ ସାମାଜିକ ଅର୍ଥନୀତିର ଅବସ୍ଥିତି ପାଇଁ ପ୍ରାଥମିକ ତଥ୍ୟ ପ୍ରକଳ୍ପ ଅଞ୍ଚଳରୁ ସଂଗ୍ରହ କରାଯାଇଥିଲା। ଏହା ବ୍ୟତୀତ ପରିସଂଖ୍ୟାନ ବହି ରାଜସ୍ୱ ତଥ୍ୟ ପରିସଂଖ୍ୟାନ ବିଭାଗ, ମୃର୍ତ୍ତିକା ଅନୁସନ୍ଧାନ ସଂସ୍ଥା, ଓଡିଆ ମହାକାଶ ଅଧିବେସନ କେନ୍ଦ୍ର ଜିଲ୍ଲା ଶିଳ୍ପାଞ୍ଚଳ କେନ୍ଦ୍ର ଏବଂ ଜଙ୍ଗଲ ବିଭାଗ ଠାରୁ ମାଧ୍ୟମିକ ତଥ୍ୟ ସଂଗ୍ରହ କରାଯାଇଥିଲା।

## ୫.୧ ଅନୁଧ୍ୟାନ ଅଞ୍ଚଳ

ପ୍ରକଳ୍ପର ୫ କି.ମି. ଦୂରତା ମଧ୍ୟରେ ଅବସ୍ଥିତ ଅଞ୍ଚଳକୁ କୋରଜୋନ୍ (ପ୍ରକଳ୍ପ ଅଞ୍ଚଳ) ଏବଂ ୧୦ କି.ମି. ଦୂରତା ମଧ୍ୟରେ ଅବସ୍ଥିତ ଅଞ୍ଚଳକୁ ବଫ୍ର ଜୋକ୍ (ସମୀପବର୍ତ୍ତୀ ଅଞ୍ଚଳ)

ଭାବରେ ନାମାଙ୍କିତ କରାଯାଇଅଛି । ଏହା ସମୁଦ୍ର ପତନଠାରୁ ୫୬.୦ ମି. ଉଚ୍ଚରେ ଅବସ୍ଥିତ ଓ ଜାତୀୟ ରାଜପଥ-୫ କୁ ୧୦୦ ମି. ପ୍ରସ୍ଥ ବିଶିଷ୍ଟ ରାସ୍ତା ଦ୍ୱାରା ସଂଯୋଗ କରୁଅଛି । ପାଖାପାଖି ଜନବସତି ତୋଟାପାଲ୍ଲୀ ଗ୍ରାମ ୧.୦ କି.ମି. ଦୂରରେ ଅବସ୍ଥିତ । ଏହି ଅଞ୍ଚଳଟି ଅନାବାଦୀ ଓ ଏଥିରେ କେତେକ ଗୁଳ୍ମ ଓ କଣ୍ଟାଗଛ ଦେଖାଯାଏ । କୌଣସି ଅସ୍ଥାୟୀ ବା ଚୀରସ୍ଥାୟୀ ନାଳ ପ୍ରକଳ୍ପ ଅଞ୍ଚଳ ମଧ୍ୟଦେଇ ପ୍ରବାହିତ ହୋଇନାହିଁ ଓ ଋଷିକୁଲ୍ୟା କେନାଲ ୦.୫ କି.ମି. ଦୂରରେ ପ୍ରବାହିତ । ଏଠାକାର ମୃର୍ତ୍ତିକା ଦେଖିବାକୁ ଲାଲ, ଲାଲ ଓ ହଳଦିଆ ମିଶ୍ରିତ ।

## ୫.୨ ଭୂତଳ ଜଳର ଗଭୀରତା :-

ପ୍ରାକ୍ ମୌସୁମୀ ଋତୁରେ ଜଳର ଗଭୀରତା ୭.୫ ରୁ ୮.୦ ଏବଂ ପରବର୍ତ୍ତି ମୌସୁମି ସମୟରେ ଜଳର ଗଭୀରତା ୨.୦ ରୁ ୬.୫ ମି. ଥିବାର ଆକଳନ କରାଯାଇଅଛି ।

## ୫.୩ ଜମିର ଉପଯୋଗ ଓ ଜମିର ଅବଗୁଣ୍ଠନ :-

ଏହି ପ୍ରକଳ୍ପ ପାଇଁ ୧:୫୦,୦୦୦ ମାପରେ ଜମିର ଉପଯୋଗ ଅବଗୁଣ୍ଠନର ମାନଚିତ୍ର ଆଇ ଆର ଏସ୍-ପି ୬ ଏଲଆଇଏସ୍ ଏସ୍-୧୩ ଏବଂ ୭୪କ/୧୫, ୭୪ଇ/୩ ଟପୋସିଟ୍ ତଥ୍ୟ ଅନୁଯାୟୀ କରାଯାଇଅଛି । କୃତ୍ରିମ ଉପଗ୍ରହ ଦ୍ୱାରା ଉଠାଯାଇଥିବା ଫଟୋରୁ ଏହା ଜଣାପଡିଲା ଯେ ପ୍ରକଳ୍ପ ପାଇଁ ମୁଖ୍ୟତଃ ଚାଷଜମି ଉପଯୋଗ ହୋଇଛି । ସେଥିମଧ୍ୟରୁ ଶତକଡା ୬୧ ଭାଗ କୋର ଜୋନ୍‌ରେ ଏବଂ ଶତକଡା ୫୦ ଭାଗ ବଫର ଜୋନ୍‌ରେ ଅବସ୍ଥିତ ଏବଂ ଆଉ କିଛି ଅଂଶ ଜଳଭାଗ ଦ୍ୱାରା ଆଚ୍ଛାଦିତ, ସେଥିମଧ୍ୟରୁ ଶତକଡା ୩୨ ଭାଗ ବଫର୍ ଜୋନ୍‌ରେ ଓ ଶତକଡା ୧୭ ଭାଗ କୋର୍ ଜୋନ୍‌ରେ ଅବସ୍ଥିତ । ବାକି କିଛି ଅଂଶ ଅଦରକାରୀ ଜମି, ଜଙ୍ଗଲ, ଓ ଘରବାଡି ଦ୍ୱାରା ଆଚ୍ଛାଦିତ । ପ୍ରାକୃତିକ ଓ ମନୁଷ୍ୟକୃତ ସନ୍ତସନ୍ତିଆ ଜାଗା ଶତକଡା ୫ ଭାଗ କୋର୍ ଜୋନ୍‌ରେ ଏବଂ ଶତକଡା ୨ ଭାଗ ବଫର୍ ଜୋନ୍‌ରେ ଅବସ୍ଥିତ ।

## ୫.୪ ଜଳ ପରିବେଶ

ଭୂତଳ ଜଳ ଓ ଭୂପୃଷ୍ଠ ଜଳର ପରୀକ୍ଷଣ ପାଇଁ ଦଶଟି ଜାଗାରୁ ନମୁନା ସଂଗ୍ରହ କରାଯାଇଥିଲା । ଜଳର ପରୀକ୍ଷଣ ଦ୍ୱାରା ଜଣାଗଲା ଯେ ସବୁ ରୂପଲେଖ ଗୁଡିକ ଶୃଙ୍ଖଳିତ

ଅବସ୍ଥାରେ ଅଛନ୍ତି ଏବଂ ଜଳରେ କୌଣସି ଦୂଷିତ କରିବା ପଦାର୍ଥ ନାହିଁ। ଯାହାକି ମଣିଷ, ପଶୁ ଓ ଶସ୍ୟ ପାଇଁ ବିପଦପୂର୍ଣ୍ଣ ଅଟେ। ଭୂପୃଷ୍ଠ ଜଳର ପଙ୍କିଳତାର ମାତ୍ରା -୧୪.୩, ପି.ଏଚ. ର ମାତ୍ରା ୬.୧୭-୬.୭୪, କ୍ଷରତାର ମାତ୍ରା ୪୮-୨୪୦ ମି.ଗ୍ରା.ଲି। ଦ୍ରବିଭୂତ ଅମ୍ଳଜାନର ମାତ୍ରା ୧୨୮-୫୬୦ ମି.ଗ୍ରା/ଲି., ଲୌହର ମାତ୍ରା ୦.୪ ମି.ଗ୍ରା./ଲି. ଓ ଫ୍ଲୋରାଇଡ୍ ର ମାତ୍ରା ୦.୦୪-୦.୨୭ ମଧ୍ୟରେ ଅଛି ବୋଲି ଆକଳନ କରାଯାଇଅଛି। ଏହିସବୁ ଗଣନାର ଫଳାଫଳରୁ ଜଣାପଡିଲା ଯେ ଏହି ଭୂତଳ ଜଳ ବ୍ୟବହାର ଓ ମନୁଷ୍ୟ ଉପଯୋଗୀ ଅଟେ।

## ୫.୫ ଜଳବାୟୁ :

ବର୍ଷସାରା ଏଠାକାର ତାପମାତ୍ରା ଏହି ଅଞ୍ଚଳ ସମୁଦ୍ର ଉପକୂଳବର୍ତ୍ତୀ ହୋଇଥିବାରୁ ସର୍ବଦା ସମାନ୍ତରାଳ ଦେଖାଯାଏ। ମଇ ମାସରେ ସବୁଠାରୁ ଅଧିକ ଗରମ ହୁଏ ଓ ଏହି ସମୟର ସର୍ବୋଚ୍ଚ ହାରାହାରୀ ତାପମାତ୍ରା ୩୮° ସେଲସିୟସ୍ ଥାଏ ଏବଂ ଜାନୁଆରୀ ମାସରେ ସର୍ବାଧିକ ଶୀତ ଅନୁଭୂତ ହୁଏ ଓ ସର୍ବନିମ୍ନ ତାପମାତ୍ରା ୯° ସେଲ୍‌ସିୟସ୍ ଥାଏ। ଏହି ଜିଲ୍ଲାର ହାରାହାରି ବୃଷ୍ଟିପାତ ୧୨୫୧.୫ ମି.ମି. ଅଟେ। ମୁଖ୍ୟତଃ ସମୁଦ୍ର ଉପକୂଳ ବର୍ତ୍ତୀ ଅଞ୍ଚଳରେ ଆର୍ଦ୍ରତାର ମାତ୍ରା ସବୁବେଳେ ଅଧିକା ଥାଏ। ପବନର ବେଗ ମୁଖ୍ୟତଃ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଓ ମୌସୁମୀ ପ୍ରବାହିତ ମାସରେ ଅଧିକ ଜୋରରେ ପ୍ରଭାବିତ ହୁଏ।

## ୫.୬ ବାୟୁ ପରିବେଶ

ପରିବେଷ୍ଟନୀ ବାୟୁର ଭାସମାନ ପଦାର୍ଥ, ସଲଫର ଡାଇଅକ୍‌ସାଇଡ୍, ନାଇଟ୍ରୋଜେନ୍ ଡାଇଅକ୍‌ସାଇଡ୍ ର ମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ଗ୍ରୀଷ୍ମଋତୁର ମାର୍ଚ୍ଚରୁ ମଇ ମାସ ପର୍ଯ୍ୟନ୍ତ ଆଠଟି ଜାଗାରୁ ନମୁନା ସଂଗ୍ରହ କରାଯାଇଥିଲା।

ପ୍ରକଳ୍ପ ଅଞ୍ଚଳରେ ଭାସମାନ ପଦାର୍ଥ ୧୦ ଓ ୨.୫ ର ନିର୍ଦ୍ଧାରିତ ମାନାଙ୍କର ମାତ୍ରା ୫୨.୧-୮୮.୧ ମାଇକ୍ରୋ ଗ୍ରାମ/ ଘନ.ମି. ଓ ୨୮.୪ - ୫୨.୮ ମାଇକ୍ରୋଗ୍ରାମ / ଘନ.ମି. ଅଟେ। ଏହି ଅଞ୍ଚଳରେ ଦେଖାଯାଉଥିବା ଭାସମାନ ପଦାର୍ଥର ମୁଖ୍ୟ କାରଣ ଗୁଡିକ ହେଲା ମାଟି ରାସ୍ତା ଯାନବାହନର ଗମନାଗମନ, ଚାଷକାର୍ଯ୍ୟ ଓ ଶିଳ୍ପାଞ୍ଚଳ। ଭାସମାନ ପଦାର୍ଥର

ଘଣ୍ଟାର ହାରାହାରି ମୂଲ୍ୟ ଯେତେବେଳେ ଜାତୀୟ ପରିବେଷ୍ଟନୀ ବାୟୁର ଗୁଣବତ୍ତା ସହିତ ତୁଳନା କରାଗଲା ସେଥିରୁ ଜଣାଗଲା ଯେ ପ୍ରକଳ୍ପର ସବୁ ଜାଗାର ନମୁନାର ମାତ୍ରା ଉପଯୁକ୍ତ ମାତ୍ରାଠାରୁ ଅପେକ୍ଷାକୃତ କମ ଆସିଛି।

ବର୍ତ୍ତମାନ ପ୍ରକଳ୍ପ ଜାଗାରେ ସଲଫର୍ ଡାଇଅକ୍ସାଇଡ ପ୍ରଦୂଷଣର କୌଣସି କାରଣ ନାହିଁ। ସେଥିପାଇଁ ଏହାର ମାତ୍ରା ନମୁନା ନିଆଯାଇଥିବା ଜାଗାରେ ୧୩.୯ ମାଇକ୍ରୋ ଗ୍ରାମ/ଘନ.ମି. ଠାରୁ କମ୍ ଆସିଛି। ସଲଫର ଡାଇଅକ୍ସାଇଡ୍‌ର ୨୪ ଘଣ୍ଟାର ହାରାହାରି ମୂଲ୍ୟ ଯେତେବେଳେ ଜାତୀୟ ପରିବେଷ୍ଟନୀ ବାୟୁର ଗୁଣବତ୍ତା ସହିତ ତୁଳନା କରାଗଲା। ସେଥିରୁ ଜଣାପଡିଲା ଯେ ଜାତୀୟ ଗୁଣବତ୍ତାର ମାତ୍ରା ୮୦ ମାଇକ୍ରୋ ଗ୍ରାମ./ଘନ.ମି. ଠାରୁ ସବୁଯାଗାରୁ ନମୁନାର ମାତ୍ରା ଅପେକ୍ଷାକୃତ କମ୍ ଆସିଛି।

ନାଇଟ୍ରୋଜେନ ଡାଇଅକ୍ସାଇଡ୍‌ର ମାତ୍ର ୭.୮ ରୁ ୧୬ ମାଇକ୍ରୋ /ଗ୍ରା. ଘନମି. ରହିଛି ଓ ଏହା ମୂଖ୍ୟତଃ ଯାନବାହନ ଚଳାଚଳ ଦ୍ୱାରା ନିର୍ଗତ ହେଉଅଛି। ଏହି ମାତ୍ରା ଜାତୀୟ ପରିବେଷ୍ଟନୀ ବାୟୁର ଗୁଣବତ୍ତା ମୂଲ୍ୟାଙ୍କ ଠାରୁ ବହୁତ କମ୍ ରହିଛି।

## ୫.୭ ଧ୍ୱନି ପରିବେଶ

ଏହି ଅଞ୍ଚଳର ମାତ୍ରା ଦିନ ସମୟରେ ୪୧.୭୦ ରୁ ୫୪.୮୦ ଡେ.ସି.ବେଲ ଓ ରାତ୍ର ସମୟରେ ୩୯.୩୦ ରୁ ୪୪.୭୦ ଡେସିବେଲ ଗଣନା କରାଯାଇଅଛି। ଏହି ଫଳାଫଳରୁ ଜଣାପଡିଲା ଯେ ପ୍ରକଳ୍ପ ଅଞ୍ଚଳରେ ଧ୍ୱନିର ମାତ୍ରା କେନ୍ଦ୍ରିୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ର ଧ୍ୱନିର ଧାରା - ୨୦୦୦ ର ଗୁଣବତ୍ତା ଅନୁସାରେ ନିର୍ଦ୍ଧାରିତ ମୂଲ୍ୟାଙ୍କ ମଧ୍ୟରେ ରହିଛି।

## ୫.୮ ଜୈବିକ ପରିବେଶ

ପ୍ରକଳ୍ପ ଅଞ୍ଚଳରେ କୌଣସି ବଡ ଧରଣର ଉଦ୍ଭିଦ କିମ୍ବା ବଡ ଗଛ ମଧ୍ୟ ନାହିଁ। ଏଠାରେ ଥିବା ଗଛଗୁଡିକ ଛୋଟ ଚାରା ଗୁଡିକ ହେଲା (ନିମ୍ବ), (ଆଚୁ), ଗୁଳ୍ମଗୁଡିକ ହେଲା ବାଇଗବ,

ପୋକଶୁଙ୍ଘା ଲାଣ୍ଟିନା ଓ ସାଧାରଣ ଔଷଧୀୟ ବୃକ୍ଷ ଗୁଡିକ ହେଲା ଜ୍ୟୋତି ସ୍ମୃତି, ଅଣସୋରିଷିଆ ଭୂଇଁନିମ୍ବ।

ପ୍ରକଳ୍ପ ଅଞ୍ଚଳର ବଫର ଜୋନ୍‌ରେ କୌଣସି ସଂରକ୍ଷିତ ଜଙ୍ଗଲ ନାହିଁ। ବଫର ଜୋନ୍‌ରେ ଥିବା ମୁଖ୍ୟ ଉଦ୍ଭିଦ ଗୁଡିକ ହେଲା ଘାସ, କାଜୁବାଦାମ ଗଛ, ଝାଉଁ ବଣ, କିଆଗଛ ଏବଂ କିଛି ଜଳଜ ଉଦ୍ଭିଦ। ଗଂଜାମ ଜିଲ୍ଲାର ଋଷିକୂଲ୍ୟା ନଦୀର ଉତ୍ତର ଦିଗ ଓ ବୌଦ୍ଧ ଜିଲ୍ଲାର ଦକ୍ଷିଣଦିଗ ମଧ୍ୟରେ କିଆଗଛ ପ୍ରଚୁର ପରିମାଣର ଦେଖାଯାଏ। ସେଥିପାଇଁ ସେହି ଅଞ୍ଚଳକୁ କିଆ ଅଞ୍ଚଳ ବୋଲି କୁହାଯାଏ। ଯାହାକି ବଙ୍ଗୋପସାଗର କୂଳର ପ୍ରାୟ ୪୫ କି.ମି. ୧୫ କି.ମି. କ୍ଷେତ୍ରଫଳ ପର୍ଯ୍ୟନ୍ତ ବ୍ୟାପିଅଛି।

### ୫.୯ ବିଲୁପ୍ତ ବୃକ୍ଷଜାତି

ପ୍ରକଳ୍ପ ଅଞ୍ଚଳରେ ଆଇ.ୟୁ.ସି.ଏନ୍ ଅନ୍ତର୍ଗତ ନିୟମାବଳୀ ଅନୁସାରେ କୌଣସି ବିଲୁପ୍ତ ପ୍ରଜାତିର ବୃକ୍ଷରାଶି ନାହାନ୍ତି।

### ୫.୧୦ ପ୍ରକଳ୍ପ ଅଞ୍ଚଳର ପାରିପାର୍ଶ୍ୱ ବିଜ୍ଞାନର ସମ୍ବେଦନଶୀଳ ସ୍ତର :-

ପ୍ରକଳ୍ପ ଅଞ୍ଚଳ ଓ ତା'ର ୧୦ କି.ମି. ପରିଧି ପର୍ଯ୍ୟନ୍ତ ବ୍ୟାପ୍ତ ଅଞ୍ଚଳରେ କୌଣସି ଜାତୀୟ ଉଦ୍ୟାନ, ଅଭୟାରଣ୍ୟ, ସଂରକ୍ଷିତ ଜୈବସ୍ତର, ବନ୍ୟପ୍ରାଣୀ ସଂରକ୍ଷିତ ଦ୍ୱାର, ବାଘ / ହାତୀ ଅଭୟାରଣ୍ୟ ନାହିଁ।

### ୫.୧୧ ପ୍ରାଣୀ ସମୂହର ସଂଯୋଜନା :-

ପ୍ରକଳ୍ପ ଅଞ୍ଚଳର କୋର ଜୋନ୍‌ରେ ୧୩ ପ୍ରଜାତିର ବନ୍ୟପ୍ରାଣୀ ଦେଖାଯାଆନ୍ତି। ସେଥିମଧ୍ୟରୁ ୩ ପ୍ରକାର ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ୨ ପ୍ରଜାତିର ସରୀସୃପ ଓ ୮ ପ୍ରକାର ପକ୍ଷୀ ଦେଖାଯାଆନ୍ତି। ବଫର୍ ଜୋନ୍‌ରେ ୪୭ ପ୍ରଜାତିର ବନ୍ୟପ୍ରାଣୀ ଦେଖାଯାଆନ୍ତି। ସେଥିମଧ୍ୟରୁ ୯ ପ୍ରକାର ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୮ ପ୍ରଜାତିର ସରୀସୃପ ଓ ୩୦ ପ୍ରଜାତିର ପକ୍ଷୀ ଦେଖାଯାଆନ୍ତି।

**୫.୧୨ ସାମାଜିକ ଅର୍ଥନୀତିର ରେଖାଚିତ୍ର :-**

ପ୍ରକଳ୍ପ ଅଞ୍ଚଳରେ ସର୍ବମୋଟ୍ ୫୬ ଟି ଗ୍ରାମ ଅଛି। ସେଠାରେ ଥିବା ଘର ସଂଖ୍ୟା ୨୯୭୫୪। ସମୁଦାୟ ଲୋକସଂଖ୍ୟା ୧୩୬୪୦୭ ମଧ୍ୟରୁ ୮୫୨୦୯ ଲୋକସଂଖ୍ୟା ଶିକ୍ଷିତ ଯାହାକି ସର୍ବମୋଟ୍ ଲୋକସଂଖ୍ୟାର ୬୨.୪ ଶତକଡା।

ପ୍ରାଥମିକ ପର୍ଯ୍ୟବେକ୍ଷଣରୁ ଜଣାଯାଏ ସେ ସେଠାରେ ମୁଖ୍ୟତଃ ପିଇବା ପାଇଁ ପାଣି କୂଅ ଓ ନଳକୂପରୁ ମିଳିଥାଏ। ଏଠାକାର ମୁଖ୍ୟ ରୋଗ ଗୁଡିକ ହେଲା ବସନ୍ତ, ଜ୍ୱର, ଥଣ୍ଡା, ହଇଜା, ମେଲେରିଆ, ଝାଡାରୋଗ, ଯକ୍ଷ୍ମା, ଚର୍ମରୋଗ, ପେଟ ବେମାର, ଫାଇଲେରିଆ ଇତ୍ୟାଦି।

ପ୍ରାଥମିକ ପର୍ଯ୍ୟବେକ୍ଷଣରୁ ଏଠାରେ ଥିବା ମୁଖ୍ୟତଃ ଅସୁବିଧା ଗୁଡିକ ହେଲା,

- ✓ ଗାଁ ମାନଙ୍କରେ ପରିମଳର ବ୍ୟବସ୍ଥା। କାରଣ ମାତ୍ର ଶତକଡା ୧୯ ଭାଗ ଲୋକଙ୍କ ଘରେ ପାଇଖାନା ଅଛି।
- ✓ ନର୍ଦ୍ଦମାର ଅଭାବ। କୌଣସି ଗ୍ରାମରେ ନାଳ ନର୍ଦ୍ଦମା ନାହିଁ ଫଳରେ ବର୍ଷାଦିନରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।

**୬. ପରିବେଶୀୟ ଆକଳନର ପ୍ରଭାବ –**

**୬.୧ ପରିବେଷ୍ଟନୀ ବାୟୁର ଗୁଣବତ୍ତା :-**

ପରୀକ୍ଷଣରୁ ଜଣାଯାଇଛି ଯେ ଭୂସ୍ଥରୀୟ ସାନ୍ଦ୍ରତା ପି.ଏମ୍.-୧୦ ପାଇଁ ୦.୩୬୬୧ ମା.ଗ୍ରା./ଘନ.ମି.। ସଲଫର୍ ଡାଇଅକ୍ସାଇଡ୍ ପାଇଁ ୦.୩୩୯୨୪ ମା.ଗ୍ରା./ଘ.ମି. ଓ ନାଇଟ୍ରୋଜେନ୍ ଅକ୍ସାଇଡ୍ ପାଇଁ ୦.୩୬୮୬ ମା.ଗ୍ରା./ଘନ.ମି. ବୃଦ୍ଧି ପାଇବାର ଅଛି। ଯାହାକି ଅତି ନଗଣ୍ୟ ଅଟେ। ଭୂସ୍ଥରୀୟ ସାନ୍ଦ୍ରତା, କେନ୍ଦ୍ରୀୟ ପରିବେଶୀୟ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ଜାତୀୟ ପରିବେଶୀୟ ବାୟୁର ଗୁଣବର୍ତ୍ତାର ମାନାଙ୍କ ମଧ୍ୟରେ ରହିବ।

### ୬.୧.୧ ନିର୍ମାଣ ପ୍ରଣାଳୀ ସମ୍ପାଦନର ପ୍ରଭାବ :-

ନିର୍ମାଣ ପ୍ରଣାଳୀ ସମ୍ପାଦନ ବେଳେ ବାୟୁ ପ୍ରଦୂଷଣର ମୁଖ୍ୟ ଉତ୍ସ ଗୁଡିକ ହେଲା ପଥ ସଫା କରିବା, ଯାନବାହନ ଚଳାଚଳ କରିବା, ବିଭିନ୍ନ ନିର୍ମାଣ ଯନ୍ତ୍ର ବ୍ୟବହାର କରିବା, କ୍ଷଣସ୍ଥାୟୀ ଧୂଳିକଣା ହେଉଛି ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ।

### ୬.୨ କାର୍ଯ୍ୟ ସମ୍ପାଦନର ପ୍ରଭାବ :-

କାର୍ଯ୍ୟ ସଂପାଦନ ବେଳେ ପ୍ରଦୂଷଣର ମୁଖ୍ୟ ସ୍ରୋତ ହେଉଛି କୋଇଲାର ଦହନ ପ୍ରକିୟା, ଯାହାଫଳର ଭାସମାନ ପଦାର୍ଥ ସଲ୍‌ଫର ଡାଇଅକ୍‌ସାଇଡ୍, ନାଇଟ୍ରୋଜେନ୍ ଅକ୍‌ସାଇଡ ଓ କାର୍ବନ ମନୋକ୍‌ସାଇଡ୍ ଗ୍ୟାସ ନିର୍ଗତ ହୁଏ ।

### ବିଚ୍ଛୁରିତର ବିସ୍ତୃତ ବିବରଣୀ :-

| | |
|---|---|
| ଇ.ଏସ୍.ପି.ରୁ ନିର୍ଗତ ହେଉଥିବା ଭାସମାନ ପଦାର୍ଥ । | ୭.୩୪ ଗ୍ରାମ୍/ଏସ୍ |
| ସଲଫର ଡାଇଅକ୍‌ସାଇଡ୍ | ୧୨.୧ ଗ୍ରାମ୍/ଏସ୍ |
| ନାଇଟ୍ରୋଜେନ୍ ଅକ୍‌ସାଇଡ୍ | ୭.୩୯ ଗ୍ରାମ୍/ଏସ୍ |
| ଷ୍ଟ୍ୱପର ଉଚ୍ଚତା | ୧୦୦ ମିଟର |

### ୬.୨ ଧ୍ୱନି ପରିବେଶ

### ୬.୨.୧ ନିର୍ମାଣ ପ୍ରଣାଳୀ ସମ୍ପାଦନର ପ୍ରଭାବ

ଧ୍ୱନିର ମୁଖ୍ୟ ଉତ୍ସଗୁଡିକ ହେଲା ନିର୍ମାଣ ପ୍ରଣାଳୀ ବେଳେ ବ୍ୟବହାର କରାଯାଉଥିବା ଯନ୍ତ୍ରପାତିରୁ ନିର୍ଗତ ଧ୍ୱନି ଯାହାର ମାତ୍ରା ଦିନ ବେଳେ ୮୫ ରୁ ୯୦ ଡେସିବେଲ ହୋଇଥାଏ ।

### ୬.୨.୨ କାର୍ଯ୍ୟ ସଂପାଦନ ବେଳେ ପ୍ରଭାବ :-

କାର୍ଯ୍ୟ ସମ୍ପାଦନ ବେଳେ ଧ୍ୱନି ନିର୍ଗତ ହେଉଥିବା ଯନ୍ତ୍ରପାତି ଗୁଡିକ ହେଲା, ଯଥାକ୍ରମେ ବାଷ୍ପଚାଳିତ ଇଞ୍ଜିନ୍ ଓ ସହାୟକ ଯନ୍ତ୍ର, ଉଷ୍ମବାଷ୍ପ ପ୍ରସ୍ତୁତ କରିବା ଯନ୍ତ୍ର, ଗୁଣ୍ଡ କରିବା ଯନ୍ତ୍ର ଇତ୍ୟାଦି ।

**୬.୨.୩ ଧ୍ୱନିର ମଡେଲିଙ୍ଗ୍ :-**

କାର୍ଯ୍ୟ ସମ୍ପାଦନ ବେଳେ ଧ୍ୱନିର ମୁଖ୍ୟ ଉତ୍ସୃଟି ହେଲା ଟର୍ବାଇନ୍ ଘୂରିବା ବେଳୁ ସେଥିରୁ ବାହାରୁଥିବା ଧ୍ୱନି ଯାହାର ମାତ୍ରା ୮୫ ଡେସିବେଲ ଅଟେ । ପ୍ରକଳ୍ପଠାରୁ ୦.୫ ମିଟର ଦୂରତା ମଧ୍ୟରେ ଧ୍ୱନିର ମାତ୍ରା ୮୮ ଡେସିବେଲ, ୨.୨ ମିଟର ଦୂରତା ମଧ୍ୟରେ ୭୦ ଡେସିବେଲ୍‌ର ଧ୍ୱନି ଶୁଣାଯିବ । କିନ୍ତୁ ୨୦୦ ମିଟର ଦୂରତା ମଧ୍ୟରେ ଧ୍ୱନିର ମାତ୍ରା ଆଉ ବେଶୀ ଶୁଣାଯାଏ ନାହିଁ । ଯେହେତୁ ପ୍ରକଳ୍ପ ଠାରୁ ଗ୍ରାମ ମାନଙ୍କର ଦୂରତା ୪୨୫ ମିଟର ଅଟେ । ସେଥିପାଇଁ ଧ୍ୱନିର ବିଶେଷ କିଛି ପ୍ରଭାବ ପଡିବ ନାହିଁ ।

**୬.୩ ଜଳ ସଂପଦ ଓ ଗୁଣବତ୍ତା :**

**୬.୩.୧ ନିର୍ମାଣ ପ୍ରଣାଳୀ ସମ୍ପାଦନର ପ୍ରଭାବ**

ନିର୍ମାଣ ପ୍ରଣାଳୀ ବେଳେ ଜଳର ପରିମାଣ ଖୁବ୍ କମ୍ ଦରକାର କାରଣ କେବଳ ଭିତ୍ତି ପ୍ରସ୍ଥ ସ୍ଥାପନ ବେଳେ ଜଳର ଆବଶ୍ୟକତା ଅଛି । ଅଦରକାରୀ ଜଳ ମୁଖ୍ୟତଃ କାମ କରୁଥିବା ଶ୍ରମିକ ମାନଙ୍କର ଜାଗାରୁ ଆସିବ, କିନ୍ତୁ ପ୍ରାୟ ଶ୍ରମିକ ସେଠିକାର ମୂଳ ବାସିନ୍ଦା ହୋଇଥିବେ ସେଥିପାଇଁ ଅଦରକାରୀ ଜଳ ଖୁବ୍ କମ୍ ବାହାରିବ । ଏହି ଜଳ ସୋକ୍‌ପିଟ୍ ଦେଇ ସେପ୍‌ଟିକ୍ ଟ୍ୟାଙ୍କକୁ ନିଷ୍କାସିତ କରାଯିବ ।

**୬.୩.୨ କାର୍ଯ୍ୟ ସଂପାଦନ ବେଳର ପ୍ରଭାବ :-**

ତାପଜ ବିଦ୍ୟୁତ କେନ୍ଦ୍ରରେ ଜଳ ପ୍ରଦୂଷଣର ମୁଖ୍ୟ ଉତ୍ସ୍ ହେଲା ତାପଜ କେନ୍ଦ୍ରରୁ ନିର୍ଗତ ଜଳ ଥଣ୍ଡା କରିବା ବେଳେ ଦରକାର ହେଉଥିବା ଜଳ, ପାଉଁଶ ପାଇଁ ଦରକାର ହେଉଥିବା ଅଦରକାରୀ ଜଳ, ପରିଷ୍କରଣ ବେଳେ ବାହାରୁଥିବା ଜଳ, ତୈଳାକ୍ତ ଯୁକ୍ତ ଅଦରକାରୀ ଜଳ, ଉଷ୍ମବାଷ୍ପ ପ୍ରସ୍ତୁତ କରିବା ପାଇଁ ଜଳ ଓ ଇ.ଏସ୍.ପି., ଯନ୍ତ୍ରପାତି ଧୋଇବା ବେଳେ ବାହାରୁଥିବା ଜଳ ଇତ୍ୟାଦି ।

**ପ୍ରକଳ୍ପ ଅଞ୍ଚଳରେ ସର୍ବାଧିକ ବର୍ଷା ସମୟରେ (୦୦୫ମି.) ନିର୍ଗତ ଜଳ ନିମ୍ନ ପ୍ରକାରରେ ବର୍ଣ୍ଣିତ ହୋଇଅଛି :-**

| **କ୍ର. ସଂଖ୍ୟା** | **ଜଳ ବାହାରୁଥିବା ଜାଗା** | **କ୍ଷେତ୍ରଫଳ (ବର୍ଗ.ମିଟର)** | **ନିର୍ଗତ ଜଳର ଆୟତନ** |
|---|---|---|---|
| ୧. | ପାଉଁଶ ଗଦାକରିବା ଜାଗା | ୭୭୩୬.୬ | ୧୯୩.୪ |
| ୨. | କୋଇଲା ଗଦା | ୧୬୯୮୦ | ୪୨୪.୫ |
| ୩. | କାରଖାନାର କର୍ମଶାଳା | ୫୦୧ | ୧୨.୫ |
| ୪. | ନବାଆଣିବା ଓ ରଖିବା ସ୍ଥାନ | ୮୩୪.୮ | ୨୦.୮ |
| ୫. | ଗୁଣ୍ଡ କରିବା ସ୍ଥାନ | ୬୭୧.୫ | ୧୬.୭୮ |
| ୬. | ଯାନ ବାହନ ରଖିବା ସ୍ଥାନ | ୩୪୩.୮ | ୮.୬ |
| ୭. | ଟ୍ରାନ୍ସଫରମର ସ୍ଥାନ | ୧୦୫ | ୨.୬୨ |

**୬.୪ ଜମି ପ୍ରଚଳନ ଓ ଆବର୍ଜନାର ପରିଚାଳନା ବ୍ୟବସ୍ଥା :**

**୬.୪.୧ ନିର୍ମାଣ ପ୍ରଣାଳୀ ସମ୍ପାଦନର ପ୍ରଭାବ :-**

ପ୍ରକଳ୍ପ ନିର୍ମାଣ ବେଳେ କିଛି ଭିତ୍ତିପ୍ରସ୍ତୁ ତିଆରି କରିବା ପାଇଁ ଅଳ୍ପ କିଛି ମାଟି ଖୋଳାଯିବ। ଯେହେତୁ ପ୍ରକଳ୍ପ ଜାଗାରେ କୌଣସି ଜୀବଜଗତ ନାହିଁ କେବଳ କିଛି ଘାସ ଓ ବୁଦା ଗଛକୁ ଛାଡି। ସେଥିପାଇଁ କାର୍ଯ୍ୟକ୍ଷେତ୍ର ପ୍ରସ୍ତୁତି ବେଳେ କୌଣସି ଅସୁବିଧା ହେବନାହିଁ।

**୬.୪.୨ କଠିନ ବର୍ଯ୍ୟ ବସ୍ତୁ ଉତ୍ପାଦନର ଉତ୍ସ :-**

ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ପ୍ରାୟ ବାର୍ଷିକ ୯୦୩୦୬.୮୪ ଟନ୍‌ର ପାଉଁଶ ବାହାରିବ ଯାହାକି ମୋଟାମୋଟି ୧୧ଏକର ଜମିରେ ପୋତାଯିବ ଏବଂ ସେହି ଜମିର ଚାରିପଟେ ଗଛ ଲଗାଯିବ। ଏହି ଗଦା ଚାରିପଟରେ ଯାନବାହାନ ଚଳାଚଳର ରାସ୍ତା ରଖାଯିବ। ଶୁଷ୍କ ନିଷ୍କାସନ ପାଇଁ  ଏକ ପାଉଁଶ ତଳି ପାଉଁଶ ଗଦାକୁ ନିଆଯିବ ଓ ଭାସମାନ ପାଉଁଶ ଭାସମାନ ପାଉଁଶ ଗଦାକୁ ନିଆଯିବ।

**୬.୫ ସାମାଜିକ ପରିବେଶର ପ୍ରଭାବ :-**

ଏହି ପ୍ରକଳ୍ପଟି ଆରମ୍ଭ ହେଲେ ନିକଟସ୍ଥ ଗ୍ରାମ ମାନଙ୍କରେ ଥିବା କୁଶଳୀ ଓ ଅଣକୁଶଳୀ ଶ୍ରମିକ ମାନେ ଏଠାରେ ସିଧାସଳଖ କାମ ପାଇବେ। ଯାହା ଫଳରେ ସେମାନଙ୍କର ଅର୍ଥନୈତିକର ପ୍ରଗତି ହେବ ଯେହେତୁ ପ୍ରକଳ୍ପ ଯାଗାରେ କୌଣସି ଜଙ୍ଗଲ ସମ୍ବଳ ନାହିଁ। ସେଥିପାଇଁ ସେଠାକାର ଗଛମାନଙ୍କ ଉପରେ କୌଣସି ପ୍ରଭାବ ପଡିବ ନାହିଁ। ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲ୍ ଓ ଯନ୍ତ୍ରପାତି ନବା ଆଣିବା ପାଇଁ ଗାଁର ରାସ୍ତା ଦେଇ ଯାତାୟତ କରିବାକୁ ପଡିବ ସେଥିପାଇଁ ସେଠାରେ ସତର୍କତା ଅବଲମ୍ବନ କରାଯିବ।

**୬.୬ ଜୈବିକ ପରିବେଶ :-**

**୬.୬.୧ ନିର୍ମାଣ ପ୍ରଣାଳୀ ସମ୍ପାଦନର ପ୍ରଭାବ :-**

ସମ୍ଭାବିତ ପ୍ରକଳ୍ପ ଜୀବ ଜଗତ ମାନଙ୍କର ବାସସ୍ଥାନ ଉପରେ ଓ ବନ୍ୟପ୍ରାଣୀଙ୍କର ବାସସ୍ଥାନ ଉପରେ ପ୍ରଭାବ ପକାଇପାରେ। ଏହି ପ୍ରଭାବ କେବଳ କୋର ଜୋନ୍‌ରେ ହିଁ ପକାଇବ କାରଣ ପ୍ରକଳ୍ପ ଜାଗାରେ କୌଣସି ବଡ ଧରଣର କିଛି ଉଭିଦ ଜଗତ ନାହିଁ। ସେଠାରେ କେବଳ କିଛି ବୁଦାଳିଆ ଗଛ, ବାଇଗବ ଓ ଅରଖ ଗଛ ଇତ୍ୟାଦି ରହିଛି। ସେଥିପାଇଁ ପାରିପାର୍ଶ୍ୱ ବିଜ୍ଞାନ ଉପରେ ବିଶେଷ କିଛି ଅଧିକା ପ୍ରଭାବ ପଡିବ ନାହିଁ।

**୬.୭ ବୃତ୍ତି ସମ୍ବନ୍ଧୀୟ ସାସ୍ଥ୍ୟ ଓ ସତର୍କତା :-**

**୬.୭.୧ ନିର୍ମାଣ ପ୍ରଣାଳୀ ଓ କାର୍ଯ୍ୟ ସଂପାଦନର ପ୍ରଭାବ :-**

ପ୍ରକଳ୍ପ ପାଇଁ କାମ କରୁଥିବା ବେଳେ କିମ୍ଵା ତା'ର ଆଖ ପାଖରେ ରହୁଥିବା ଲୋକମାନଙ୍କୁ ପାଉଁଶ ଓ କୋଇଲାରୁ ନିର୍ଗତ ଧୂଆଁ ପାଇଁ ଶ୍ୱାସ ଜନିତ ରୋଗ ହୋଇପାରେ। ବିଭିନ୍ନ ଯନ୍ତ୍ରପାତିରୁ ନିର୍ଗତ ହେଉଥିବା ଧ୍ୱନି ମାତ୍ରା ହେତୁ କେହି ମଧ ଶୁଣିବା ଶକ୍ତି ହରାଇପାରେ।

## ୬.୮ ଯାନବାହନର ଚଳାଚଳର ଉପରେ ପ୍ରଭାବ :-

ଯେତେବେଳେ ପ୍ରକଳ୍ପ ପାଇଁ କାମ ଆରମ୍ଭ ହେବ ସେହି ସମୟରେ ଓ କାର୍ଯ୍ୟ ସମ୍ପାଦନର କିଛି ସମୟ ମଧ୍ୟରେ ସେଠାରେ ଥିବା ମୁଖ୍ୟ ରାସ୍ତା ଯାହାକି ପ୍ରକଳ୍ପ ଜାଗାକୁ ସଂଯୋଗ କରୁଛି ସେଠାରେ କିଛିଟା ପ୍ରଭାବ ପଳାଇବ ।

## ୭.୦ ପରିବେଶ ପରିଚାଳନା ଯୋଜନା :-

## ୭.୧ ଜମି ପରିବେଶ

- ପ୍ରକଳ୍ପ ପାଇଁ ଖୋଳାଯାଇଥିବା ମାଟି ଅସମାନ ଥିବା ଜାଗାରେ ଢଳାଯାଇ ସମାନ କରି ଦିଆଯିବ ।
    - ଅଦରକାରୀ ତେଲ ଏକ ପାଇବ ସାହାଯ୍ୟରେ ସିଲ୍‌ଥିବା ଏକ ଷ୍ଟିଲ ଡ୍ରମ୍‌ରେ ରଖାଯିବ ।
    - ପ୍ରକଳ୍ପ ଜାଗାରେ ସୃଷ୍ଟି ହେଉଥିବା କଠିନ ବର୍ଜ୍ୟ ବସ୍ତୁକୁ ସଠିକ ଉପାୟରେ ନିୟନ୍ତ୍ରିତ କରାଯିବ ।
    - ବର୍ଜ୍ୟବସ୍ତୁ ଗଦା ଚାରିପଟରେ ଗାରଲ୍ୟାଣ୍ଡ ନାଳ ତିଆରି କରାଯିବ ଓ ଏଠାରୁ ନିର୍ଗତ ଦୂଷିତ ଜଳକୁ ସ୍ଥିରିକୃତ କୁଣ୍ଡରେ ସ୍ଥିର କରାଯାଇ ଜଳ ବିଶୋଧନ ଅଞ୍ଚଳକୁ ପଠାଯିବ ।

## ୭.୨ କଠିନ ବର୍ଜ୍ୟବସ୍ତୁର ଉତ୍ପାଦନ :-

ତାପଜ ବିଦ୍ୟୁତ୍ କେନ୍ଦ୍ରରେ ମୁଖ୍ୟତଃ ଭାସମାନ ପାଉଁଶ ଓ ତଳିଆ ପାଉଁଶ ବାହାରିଥାଏ । ଯାହାକି ନିକଟବର୍ତ୍ତୀ ଇଟାଭାଟି ଓ ସିମେଣ୍ଟ କାରଖାନାକୁ ଦିଆଯିବ । ଏଥିନିମନ୍ତେ ପ୍ରକଳ୍ପ ଅଧିକାରୀ ପ୍ରତିଦିନ ୨୫୦ ଟନ୍ ଭାସମାନ ପାଉଁଶ ବ୍ୟବହାର ପାଇଁ ଲିଖିତ ସ୍ମାରକ ପତ୍ର ପ୍ରସ୍ତୁତ କରିଛନ୍ତି ।

**୭.୩ ଜଳ ପରିବେଶ :-**

ଏହି ପ୍ରକଳ୍ପରେ ଜଳର ଆବଶ୍ୟକତା ପ୍ରତିଦିନ ୮୮୦ ଘନ.ମି., ବିଭିନ୍ନ ପ୍ରଣାଳୀରୁ ନିର୍ଗତ ଜଳର ପରିମାଣ ଦିନପ୍ରତି ୬୨୪ ଘନ.ମି.।

ଏହି ପ୍ରକଳ୍ପ ଦ୍ୱାରା ୧୨୦୦ ଘନ.ମି. କ୍ଷମତା ବିଶିଷ୍ଟ ଜଳ ବିଶୋଧନାଗାର ପ୍ରସ୍ତୁତ କରାଯିବ।

**୭.୪ ପ୍ରବାହିତ ଜଳର ଉପଯୋଗ :-**

ଜିନିଷପତ୍ର ଗଦା ହୋଇଥିବା ସ୍ଥାନ, ବର୍ଜ୍ୟବସ୍ତୁ ଗଦାର ପ୍ରଭୃତି ସ୍ଥାନରୁ ଦୈନିକ ୬୭୯୨ ଘନ.ମି. ଜଳ ନିଷ୍କାସିତ ହୋଇଥାଏ। ଏହି ନିଷ୍କାସିତ ଜଳକୁ ନାଳଦ୍ୱାରା ସ୍ଥିରିକୃତ ଜଳଭଣ୍ଡାରକୁ ପଠାଯିବ। ଚାରୋଟି ସ୍ଥିରିକୃତ ଜଳ ଭଣ୍ଡାର ଅଛି।

**୭.୫ ବର୍ଷା ଜଳର ସଂରକ୍ଷଣ :-**

ପ୍ରକଳ୍ପର କାର୍ଯ୍ୟକାରୀ ସମୟରେ ବର୍ଷାଜଳକୁ ସଂରକ୍ଷଣ କରି ତାକୁ ବିଭିନ୍ନ କାମରେ ଲଗାଇବାକୁ ପ୍ରସ୍ତାବ ଦିଆଯାଇଛି।

**୭.୬ ବାୟୁ ପରିବେଶ :-**

ବାୟୁରେ ଭାସମାନ ପଦାର୍ଥ ନ ମିଶିବା ପାଇଁ ପ୍ରକଳ୍ପ ଜାଗାରେ ଏକ ବାୟୁ ବିଶୋଧନ ଯନ୍ତ୍ରପାତି ବସିବ, ଯାହାର ନାମ ଇ.ଏସ. ପି.। ଏହି ଯନ୍ତ୍ରପାତିରେ ବାୟୁର ଘନତ୍ୱ ୫୦ ଏମ୍.ଜି./ଏନ୍ ଘନ.ମି. ଉପରକୁ ଯାଇପାରିବ ନାହିଁ।

**୭.୭ ସବୁଜ ବଳୟ ଦ୍ୱାରା ଅଙ୍ଗାର କାମ୍ଳ ଗ୍ୟାସର ହ୍ରାସ :-**

୧୪୦୦ ଟି ବଡବଡ ଗଛ ପ୍ରକଳ୍ପର ପାଚେରୀ କଡରେ ଲଗାଯିବ ତା ଫଳରେ ବାୟୁମଣ୍ଡଳରୁ ନିର୍ଗତ ହେଉଥିବା ଅଙ୍ଗାରକାମ୍ଳ ଗ୍ୟାସକୁ କିଛି ପରିମାଣରେ ରୋକାଯାଇ ପାରିବ।

**୭.୮ ପ୍ରକଳ୍ପ ପାଇଁ ପ୍ରସ୍ତାବିତ ହୋଇଥିବା କୋଇଲା ପରିଷ୍କରଣ କେନ୍ଦ୍ରରେ କ୍ଷଣସ୍ଥାୟୀ ଧୂଳିର ନିୟନ୍ତ୍ରଣ :-**

କ୍ଷଣସ୍ଥାୟୀ ଧୂଳିକଣାର ନିୟନ୍ତ୍ରଣ କରିବା ପାଇଁ ପାଣି କିମ୍ବା ପାଣି ସହିତ କିଛି ରାସାୟନିକ ଦ୍ରବ୍ୟ ମିଶାଇ ଧୂଳିକଣା ବାହାରୁଥିବା ଜାଗାରେ ସିଞ୍ଚନ କରାଯିବ। ଏହିଜଳ ସିଞ୍ଚନ ବ୍ୟବସ୍ଥା ନିମ୍ନ ସ୍ଥାନ ମାନଙ୍କରେ ରହିବ। ପ୍ରକଳ୍ପକୁ ସଂଯୋଗ କରୁଥିବା ରାସ୍ତା, କଞ୍ଚାମାଲ ସଂରକ୍ଷଣ ସ୍ଥାନ, ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ, ବର୍ଜ୍ୟବସ୍ତୁ ରଖିଥିବା ସ୍ଥାନ ଇତ୍ୟାଦି।

**୭.୯ ଧ୍ୱନି ପରିବେଶ :-**

| ଧ୍ୱନିର ଉତ୍ସ | ଉତ୍ସର ତୀବ୍ରତା | ନିୟନ୍ତ୍ରଣ ଉପାୟ | ଧ୍ୱନିର ମାତ୍ରା |
|---|---|---|---|
| ବଏଲର | ୧୧୪ | ଶବ୍ଦରୋଧକ ଯନ୍ତ୍ର | ୩୦ |
| ଶକ୍ତିଉତ୍ସ | ୯୦ | ଶବ୍ଦରୋଧକ ଯନ୍ତ୍ର, ନିସ୍ତେଜ କରିବା ପଦାର୍ଥ | ୩୦ |
| ଡିଡଷ୍ଟିଂ ଭେଣ୍ଟିଲେଟର | ୯୨ | ଶବ୍ଦରୋଧକ ଯନ୍ତ୍ର | ୩୦ |
| ବାୟୁ ସଂକୋଚିତ କରିବା | ୯୧ | ଶବ୍ଦରୋଧକ ଯନ୍ତ୍ର | ୩୦ |
| ପାଣି ପମ୍ପ | ୯୦ | ନିସ୍ତେଜ କରିବା | ୨୫ |

**୭.୧୦ ଜୈବିକ ପରିବେଶ :-**

ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳଟି କୌଣସି ଜୈବିକ ସମ୍ବେଦନଶୀଳତା ପରିସର ମଧ୍ୟରେ ଆସୁନାହିଁ। ସେଥିପାଇଁ ପ୍ରକଳ୍ପ ପାଇଁ କୌଣସି ଜଙ୍ଗଲର କ୍ଷତି ଘଟିବ ନାହିଁ। କିନ୍ତୁ ପରିବେଶର ସୁରକ୍ଷାକୁ ଆଖି ଆଗରେ ରଖି ପ୍ରକଳ୍ପର ଅଧିକାରୀ ପ୍ରକଳ୍ପ ଅଞ୍ଚଳର ଚାରିପଟେ ଗଛମାନ ଲଗାଇ ଏକ  ସବୁଜ ବଳୟ ତିଆରି କରିବେ। ଏହାଛଡା ଖାଲିସ୍ଥାନ ମାନଙ୍କରେ ମଧ୍ୟ ବୃକ୍ଷରୋପଣ କରାଯିବ।

### ୭.୧୦.୧ସବୁଜ ବଳୟର ବିକାଶ :-

**ପ୍ରସ୍ତାବିତ ହୋଇଥିବା ଗଛର ପ୍ରଜାତି :-**

| କ୍ର.ନଂ | ସ୍ଥାନ | ପ୍ରସ୍ଥାବିତ ପ୍ରଜାତି |
|---|---|---|
| ୧. | ପାଉଁଶ ଗଦା ଓ କୋଇଲା ରଖିବା ଜାଗା | ଆକାଶିଆ, ଶିଶୁ, ନିମ୍ବ, ଚାକୁଣ୍ଡା, ସାଗୁଆନ୍, କବୁଲ |
| ୨. | ବାସସ୍ଥାନ ଜାଗା ଓ ରାସ୍ତାକଡ | ନିମ୍ବ, ଝାଉଁ |
| ୩. | ଖାଲିଜାଗା | ଆକାଶିଆ, ଶିଶୁ, ନିମ୍ବ, ଚାକୁଣ୍ଡା, ସାଗୁଆନ୍, କବୁଲ |
| ୪. | ଜଳାଶୟ ପାଖରେ | ଆକାଶିଆ, ଶିଶୁ, ନିମ୍ବ, ଚାକୁଣ୍ଡା, ସାଗୁଆନ୍, କବୁଲ |
| ୫. | ପ୍ରକଳ୍ପର ଦକ୍ଷିଣ ଓ ଦକ୍ଷିଣପୂର୍ବ ଦିଗରେ | ଆକାଶିଆ, ଶିଶୁ, ନିମ୍ବ, ଚାକୁଣ୍ଡା, ସାଗୁଆନ୍, କବୁଲ |
| ୬. | ନୀଳ ବଳୟରେ | ଆକାଶିଆ, ଶିଶୁ, ନିମ୍ବ, ଚାକୁଣ୍ଡା, ସାଗୁଆନ୍, କବୁଲ |

### ୭.୧୧ ବୃତ୍ତିଗତ ସାସ୍ଥ୍ୟ ଏବଂ ସୁରକ୍ଷା :-

ଆଇ.ଏସ୍. ଓ - ୧୪୦୦୧ ଓ ଓ.ଏସ୍.ଏଚ. ଏ - ୧୮୦୦୧ ନିୟମ ଅନୁସାରେ ସବୁନିୟମାବଳୀ ଅନୁସରଣ କରାଯିବ ଏବଂ ପ୍ରକଳ୍ପ ପାଇଁ କାମ କରୁଥିବା କର୍ମଚାରୀ ମାନଙ୍କର ବାର୍ଷିକ ସାସ୍ଥ୍ୟ ପରୀକ୍ଷା କରାଯିବ। ପ୍ରକଳ୍ପ ପାଇଁ ଏକ ଆମ୍ବୁଲାନସ୍ ଗାଡି ସବୁବେଳେ ପ୍ରସ୍ତୁତ ହୋଇ ରହିବ।

### ୭.୧୨ ଅଗ୍ନିରୁ ସୁରକ୍ଷା :-

## ୮.୦ ପରିବେଶୀୟ ନିୟନ୍ତ୍ରଣ କରିବାର କାର୍ଯ୍ୟକ୍ରମ

| କ୍ରମିକ ନଂ. | ପରିବେଶୀୟ ବିଶେଷତ୍ୱ | ସ୍ଥାନ | ରୂପରେଖର ବିବରଣୀ | ପରୀକ୍ଷା କରିବାର ସମୟ ଓ ଅବଧି |
|---|---|---|---|---|
| ୧. | ବାୟୁର ଗୁଣବତ୍ତା | ପ୍ରକଳ୍ପ ସ୍ଥାନ ଭିତରେ<br>ପ୍ରକଳ୍ପର ପାଚେରୀ କଡରେ<br>ଗାଁର ବାହାରେ<br>ସମ୍ବେଦନାଶୀଳତା ଜାଗାରେ | ପି.ଏମ ୧୦,୨.୫, ସଲଫର୍ ଡାଇ ଅକ୍ସାଇଡ୍, ନାଇଟ୍ରୋଜେନ ଅକ୍ସାଇଡ କାର୍ବନ ମନୋକ୍ସାଇଡ୍ ହାଇଡ୍ରୋକାର୍ବନ | ହାରାହାରି ୨୪ ଘଣ୍ଟିଆ ନମୁନା ମାସକୁ ଥରେ |
| ୨. | ଜଳ ଓ ଅଦରକାରୀ ଜଳ-ନାଳ, ଭୂପୃଷ୍ଠଜଳ, ଭୂଗର୍ଭ ଜଳ | ଋଷିକୁଲ୍ୟା କେନାଲ (୦.୫ କି.ମି.) ଗ୍ରାମରେ ଥିବା ଭୂପୃଷ୍ଠ ଜଳ | ପି.ଏଚ., ତୈଳ ଓ ଚର୍ବି, କୋଲିଫର୍ମ, ଭଜମାନ ପଦାର୍ଥ, ପଙ୍କିଳତା, ଲୌହ, ତମ୍ବା, ସୀସା, ମ୍ୟାଗ୍ନେସିୟମ, ବିଦ୍ୟୁତ ପରିଚାଳନା କ୍ଷମତା ଏବଂ ଅନ୍ୟ ଯୌଗିକ ପଦାର୍ଥ | ନାଳପାଇଁ ପ୍ରତି ୩ ମାସ ଅନ୍ତରରେ ଥରେ ଏବଂ ପ୍ରତି ୬ ମସରେ ଥରେ |
| ୩. | ଜୈବିକ ପରିବେଶ | ପାର୍ଶ୍ୱବର୍ତ୍ତୀ ଗ୍ରାମରେ | ପରିମାଣ ଓ ଗୁଣବର୍ତ୍ତା | ବର୍ଷକୁ ଥରେ |
| ୪. | ଭୂମିରୂପ | ପ୍ରକଳ୍ପ ସ୍ଥାନର ବାହାର ଓ ଭିତର ପାଖରେ | --- | ବର୍ଷକୁ ଥରେ |
| ୫. | ବିପଦର ନିୟନ୍ତ୍ରଣ | ପ୍ରକଳ୍ପ ସ୍ଥାନର ଭିତର ପାଖରେ | ଦୁର୍ଘଟଣା ନଥିପତ୍ର, ଆବଶ୍ୟକତା ଅନୁସାରେ ଘର ମାନଙ୍କର ମରାମତି । | ବର୍ଷକୁ ୨ ଥର |

## ୯. ବିପତ୍ତି ନିୟନ୍ତ୍ରଣର ଯୋଜନା :-

ଦୁର୍ଘଟଣା ଓ ବିପତ୍ତିର ସମ୍ମୁଖୀନ ପାଇଁ ପ୍ରଚଳିତ ଆଇନ ଓ ଧାରା ଅନୁଯାୟୀ ଏକ ବିପତ୍ତିନିୟନ୍ତ୍ରତା ଯୋଜନା ପ୍ରସ୍ତୁତ କରାଯିବ ଯାହାକି ସେଠାକାର ଗ୍ରାମବାସୀ ମାନଙ୍କର ଉପକାରରେ ଆସିବ ।

## ୧୦.୦ ପ୍ରକଳ୍ପର ଲାଭ :-

ପ୍ରକଳ୍ପ ପାଇଁ ଲୋକମାନଙ୍କର କ'ଣ କ'ଣ ସୁବିଧା ହେବ ଏହା ପ୍ରାଥମିକ ପରୀକ୍ଷଣରୁ ଓ ସେଠାକାର ଲୋକମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ପ୍ରତିନିଧି ମାନଙ୍କ ସହିତ ଆଲୋଚନାରୁ ଆକଳନ କରାଯାଇଅଛି ।

### ୧୦.୧ ଶିକ୍ଷା :-

ଶିକ୍ଷା ଉପରେ ଗୁରୁତ୍ୱ ଦେବାପାଇଁ ଶିକ୍ଷକମାନଙ୍କ ସହିତ ଯୋଗାଯୋଗ ପଞ୍ଚାୟତ କାର୍ଯ୍ୟାଳୟରେ ସଭା କରିବା ଓ ବିଭିନ୍ନ ବେସରକାରୀ ସଂସ୍ଥା ମାନଙ୍କର ସାହାଯ୍ୟରେ ଶିକ୍ଷାର ମାନଙ୍କୁ ବୃଦ୍ଧି କରାଯିବ ।

ଆବଶ୍ୟକ ସ୍ଥଳେ ବିଦ୍ୟାଳୟ ଗୃହର ମରାମତି ଓ ବିଦ୍ୟାଳୟ ମାନଙ୍କରେ କମ୍ପ୍ୟୁଟର ସେବା ଯୋଗାଇ ଖରାଦିନ ଛୁଟିରେ ୧୫-୨୦ ଜଣ ଛାତ୍ରଛାତ୍ରୀ ମାନଙ୍କୁ କମ୍ପ୍ୟୁଟର ବିଷୟରେ ତାଲିମ ଦେବାର ଏକ କାର୍ଯ୍ୟକ୍ରମ କରିବା ।

### ୧୦.୨ ସ୍ୱାସ୍ଥ୍ୟ :-

ସରକାରୀ ସ୍ୱାସ୍ଥ୍ୟ ବିଭାଗ ସହିତ ମିଶି ଗ୍ରାମ ମାନଙ୍କରେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରି ଲୋକମାନଙ୍କୁ ବିଭିନ୍ନ ରୋଗ ବିଷୟରେ ଅବଗତ କରାଇବା ଏବଂ ୫ କି.ମି. ଦୂରତା ମଧ୍ୟରେ ଥିବା ଗ୍ରାମ ମାନଙ୍କରେ ଆମ୍ବୁଲାନ୍ସର ଚଳାଚଳ କରାଇବା । ଫଳରେ ସେମାନେ ଆବଶ୍ୟକ ସ୍ଥଳେ ଚତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଚିକିତ୍ସିତ ହୋଇପାରିବେ ।

ପିଇବା ପାଣି ନିମନ୍ତେ ଗ୍ରାମରେ ଥିବା ପୁରୁଣା କୂଅ ଓ ନଳକୂପ ମାନଙ୍କର ମରାମତି କରିବା ଓ ଆବଶ୍ୟକ ସ୍ଥଳେ ନୂଆ ବସାଇବା ।

**୧୦.୧.୩ ପରିମଳ ବ୍ୟବସ୍ଥା :-**

୩ଟି ଗ୍ରାମକୁ ପାଇଖାନା ଯୋଗାଇ ଦିଆଯିବ ଓ ଲୋକମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ଅବଗତ କରାଯିବ।

**୧୦.୧.୪ ଭିତ୍ତି ପ୍ରସ୍ଥ ସ୍ଥାପନାର ବିକାଶ :-**

ଶ୍ରୀରାମ ଚନ୍ଦ୍ରପୁର ମୌଜାରେ କ୍ଲବମାନ ନିର୍ମାଣ କରିବା, ରାସ୍ତା ମାନଙ୍କରେ ସୌର ଚାଳିତ ବିଦ୍ୟୁତ ବତୀ ଯୋଗାଇଦେବା। ଖାଲୁଆ ଜାଗାମାନଙ୍କୁ ଭାସମାନ ପାଉଁସ ସାହାଯ୍ୟରେ ପୋତି ସମତଳ କରିବା ଏବଂ ଆବଶ୍ୟକ ସ୍ଥଳେ ଲୋକମାନଙ୍କୁ ମାଗଣାରେ ଇଟା ଯୋଗାଇବା ଭଳି କାର୍ଯ୍ୟକ୍ରମମାନ ହାତକୁ ନିଆଯିବ।